# କଟକ ମହାନଗର ନିଗମ

ପବ୍ଲିକ ହେଲଥ, ଇଲେକଟ୍ରିକ୍ ସପ୍ଲାଏ, ୱାଟର ସପ୍ଲାଏ, ଡ୍ରେନେଜ ଆଣ୍ଡ

ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ୧୩ ତମ ବୈଠକର ବିବରଣୀ

ତା-୧୧-୦୬-୨୦୧୫, ସମୟ ଅପରାହ୍ନ -୦୪.୦୦ ଘଟିକା

ସ୍ଥାନ-କଟକ ମହାନଗର ନିଗମ ସଭାଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା

୧. ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ-ଅଧକ୍ଷ
୨. ଶ୍ରୀଯୁକ୍ତା ପାରୁଲ ଜୟସ୍ୱାଲ-ସଭ୍ୟା
୩. ସୁଶ୍ରୀ ଇତିଶ୍ରୀ ବେହେରା-ସଭ୍ୟା
୪. ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ-ସଭ୍ୟ
୫. ଶ୍ରୀଯୁକ୍ତ ବିଜୟ ଦଳେଇ,-ସଭ୍ୟ
୬. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ-ସଭ୍ୟା
୭. ଶ୍ରୀଯୁକ୍ତ ଦୟାନିଧି ନାୟକ -ସଭ୍ୟ

ଅଦ୍ୟ ତା ୧୧.୦୬.୨୦୧୫ ରିଖ ଅପରାହ୍ନ ୦୪.୦୦ ଘଟିକା ସମୟରେ କଟକ ମହାନଗର ନିଗମ ସଭାଗୃହରେ ନିଗମର ପବ୍ଲିକ ହେଲଥ, ଇଲେକଟ୍ରିକ୍ ସପ୍ଲାଏ, ୱାଟର ସପ୍ଲାଏ, ଡ୍ରେନେଜ ଆଣ୍ଡ ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ୧୩ତମ ବୈଠକ ଆସନ୍ତା ରମଜାନ ପର୍ବ ପାଳନ ଅବସରରେ ନିଗମ ପକ୍ଷରୁ ସ୍ୱତନ୍ତ୍ର ସେବା ପ୍ରଦାନ ନିମନ୍ତେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମାନ୍ୟବର ମେୟର ଶ୍ରୀମତୀ ଅନିତା ବେହେରା, ଏବଂ ନିମ୍ନଲିଖିତ କର୍ପୋରେଟର ମାନେ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଉପସ୍ଥିତ ଥିଲେ ।

ଉପସ୍ଥିତ କର୍ପୋରେଟର

୧. ସୁଶ୍ରୀ ରଞ୍ଜିତା ବିଶ୍ୱାଳ
୨. ସୁଶ୍ରୀ ଚାରୁଲତା ସାହୁ
୩. ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା
୪. ଶ୍ରୀମତୀ ବୈଶାଳୀ ବେହେରା
୫. ଶ୍ରୀମତୀ କାଂଚନ ଦାସ
୬. ଶ୍ରୀଯୁକ୍ତ ରମଜାନ ଖାନ
୭. ଶ୍ରୀମତୀ ଏ ଶ୍ରୀଦେବୀ
୮. ଶ୍ରୀମତୀ ନମି ମଞ୍ଜରୀ ସାହୁ
୯. ଶ୍ରୀମତୀ ସଞ୍ଜୁକ୍ତା ସାହୁ
୧୦. ଶ୍ରୀମତୀ ଅଞ୍ଜୁଶ୍ରୀ ଜେନା
୧୧. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା
୧୨. ଶ୍ରୀଯୁକ୍ତ ଜୟଦେବ ଜେନା
୧୩. ଶ୍ରୀମତୀ ପ୍ରଳୟା ବେଉରା
୧୪. ଶ୍ରୀମତୀ ପଦ୍ମା ଭୂୟାଁ

ଉପସ୍ଥିତ ଅଧିକାରୀ

୧. ଡ଼. ପ୍ରଦୀପ କୁମାର ପ୍ରଧାନ- ନଗର ସ୍ୱାସ୍ଥ୍ୟ ଅଧିକାରୀ
୨. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ
୩. ଶ୍ରୀଯୁକ୍ତ ମାନସ ବିଶ୍ୱାଳ-ସହକାରୀ ଯନ୍ତ୍ରୀ
୪. ଶ୍ରୀଯୁକ୍ତ ପ୍ରଭାସ ଚନ୍ଦ୍ର ବିଶ୍ୱାଳ-କନିଷ୍ଠ ଯନ୍ତ୍ରୀ
୫. ଶ୍ରୀଯୁକ୍ତ ଅଜୟ କୁମାର ମହାନ୍ତି-କନିଷ୍ଠ ସହାୟକ

ଏହି ବୈଠକରେ କମିଟିର ଅଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ବୈଠକରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ / ସଭ୍ୟା ତଥା ଅଧିକାରୀ ମାନଙ୍କୁ ସ୍ୱାଗତ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ଆଲୋଚନାରେ ଅଂଶ ଗ୍ରହଣ କରି ଅଧକ୍ଷ କହିଥିଲେ ଭାଇଚାରାର ସହର କଟକରେ ଆସନ୍ତା ତା ୧୮.୦୬.୨୦୧୫ରିଖ ଠାରୁ ମୁସଲମାନ ସମ୍ପ୍ରଦାୟଙ୍କ ଘରେ ଘରେ ଏକ ମାସ ବ୍ୟାପି ରମଜାନ ପର୍ବ ପାଳନ କରାଯିବାକୁ ସ୍ଥିର କରାଯାଇଥିବା ଦୃଷ୍ଟିରୁ, ପ୍ରତ୍ୟେକ ବର୍ଷ ଭଳି ଏହି ପରିପେକ୍ଷୀରେ ମୁସଲିମ ବହୁଳ ସାହି / ବସ୍ତି ଅଂଚଳ ତଥା ନିଗମ ଅଂଚଳରେ ରହିଥିବା ସମସ୍ତ ମସଜିଦ୍ ଅଂଚଳରେ ନିଗମ ପକ୍ଷରୁ ଆବଶ୍ୟକୀୟ

ସ୍ୱତନ୍ତ୍ର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଜରୁରୀକାଳୀନ ସ୍ୱତନ୍ତ୍ର ବୈଠକ ଆୟୋଜନ କରାଯାଇଛି । ସେ ପ୍ରତ୍ୟେକ ବର୍ଷ ଭଳି ଏହି ଅଂଚଳ ଗୁଡ଼ିକରେ ଦୁଇଓଳୀ ସଫେଇ ବ୍ୟବସ୍ଥା, ରାସ୍ତାଲୋକର ବ୍ୟବସ୍ଥା ଏବଂ ବ୍ଲିଚିଂ ପାଉଡ଼ର ପକାଯିବା ସହ ପରିମଳ ବ୍ୟବସ୍ଥା ଓ ନିୟମିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଅଗ୍ରାଧିକାର ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଗତବର୍ଷ ପରି ଏ ଦିଗରେ ନିଗମର ସ୍ୱସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ । ମୁସଲିମ ବହୁଳ ଅଂଚଳ ତଥା ମସଜିଦ୍ ଥିବା ଅଂଚଳ ଗୁଡ଼ିକର ରାସ୍ତା ସଫାଇ, ପାଖ ନାଳ ଗୁଡ଼ିକର ସଫା, ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା, ଦିବାରାତ୍ର ପାନୀୟ ଜଳ ଯୋଗାଣର ବ୍ୟବସ୍ଥା, ଏହି ଅଂଚଳରେ ବିକ୍ରୟ କରାଯାଉଥିବା ଖାଦ୍ୟ ଗୁଡ଼ିକର ଯାଂଚ ବ୍ୟବସ୍ଥା ଏବଂ ପ୍ରତ୍ୟେକ ଦିନ ଚୁନ ଓ ବ୍ଲିଚିଂ ପାଉଡ଼ର ପକାଯିବାର ବ୍ୟବସ୍ଥା ନିମନ୍ତେ ଅନୁମୋଦନ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଜୟଦେବ ଜେନା ରମଜାନ ପର୍ବ ପାଳନ ନିମନ୍ତେ ଏଭଳି ଏକ ପ୍ରସ୍ତୁତି ବୈଠକ ଡ଼କାଯାଇଥିବାରୁ ଧନ୍ୟବାଦ ଦେଇଥିଲେ । ନିଗମ ଅଂଚଳରେ ମସଜିଦ୍ ତଥା ମୁସଲିମ ବହୁଳ ଅଂଚଳରେ ଦୁଇଓଳୀ ସଫେଇ ବ୍ୟବସ୍ଥା, ସର୍ଫେସ ଡ୍ରେନ ଗୁଡ଼ିକର ସଫେଇ. ବର୍ଷାଜଳ ନିଷ୍କାସନ ନିମନ୍ତେ ଆବଶ୍ୟକୀୟ ପମ୍ପ ବ୍ୟବସ୍ଥା ଏବଂ ଏହି ୱାର୍ଡ଼ ଗୁଡ଼ିକ ନିମନ୍ତେ ଅତିରିକ୍ତ କୁଲୀର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ଯୋବ୍ରା ମସଜିଦ୍ ପରିସର ମଧରେ ଥିବା ଜଳାଶୟର ଜଳକୁ ପମ୍ପ ସାହାର୍ଯ୍ୟରେ ବଦଳା ଯିବାକୁ ପ୍ରସ୍ତାବ ଦେଇଥିଲେ ।

ନିଗମର ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଏହି ପର୍ବ ପାଳନ ଉପଲକ୍ଷେ ଏକ ସ୍ୱତନ୍ତ୍ର ବୈଠକ ଡ଼କାଯାଇଥିବା ଦୃଷ୍ଟିରୁ ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ ଧନ୍ୟବାଦ ଜ୍ଞାପନ କରିଥିଲେ । ସେ କହିଥିଲେ ମୁସଲମାନ ସମ୍ପ୍ରଦାୟଙ୍କ ନିମନ୍ତେ ଏହି ଅଂଚଳ ଗୁଡ଼ିକରେ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ଆବଶ୍ୟକ । ଏହି ଅଂଚଳ ଗୁଡ଼ିକରେ ସ୍ୱତନ୍ତ୍ର ଭାବେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା, ଚୁନ ଓ ବ୍ଲିଚିଂ ପାଉଡ଼ର ପକାଯିବାର ବ୍ୟବସ୍ଥା, ମସଜିଦ୍ ଥିବା ଅଂଚଳରେ ଡ଼ଷ୍ଟବିନର ବ୍ୟବସ୍ଥା, ନିୟମିତ ନାଳ ସଫା ନିମନ୍ତେ କୁଲୀ ମାନଙ୍କର ବ୍ୟବସ୍ଥା ଏବଂ ଜଳବନ୍ଦୀ ସମସ୍ୟା ରୋକାଯିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ୱାର୍ଡ଼ର ମସଜିଦ୍ ମଧରେ ଥିବା ଟାଙ୍କିକୁ ସଫା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା ରମଜାନ ପର୍ବ ପାଳନ ନିମନ୍ତେ ନିଗମର ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନଙ୍କର ସ୍ୱତନ୍ତ୍ର ଭୂମିକା ରହିଥିବା ପ୍ରକାଶ କରିଥିଲେ । ପ୍ରତ୍ୟେକ ଦିନ ଏହି ଅଂଚଳ ଗୁଡ଼ିକରେ ପରିମଳ ବ୍ୟବସ୍ଥାର ତଦାରକ ଏବଂ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ସଫାଇ ଓ ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ନିୟୋଜିତ ସଂସ୍ଥାଙ୍କୁ ଏ ଦିଗରେ ଉପଯୁକ୍ତ ନିର୍ଦ୍ଦେଶ ପ୍ରଦାନ କରାଯିବାକୁ ପରାମର୍ଶ ଦେଇଥିଲେ ।

ସଦସ୍ୟା ସୁଶ୍ରୀ ଚାରୁଲତା ସାହୁ ରମଜାନ ପର୍ବ ପାଳନ ନିମନ୍ତେ ୱାର୍ଡ଼କୁ ୧୦ ଜଣ ଅତିରିକ୍ତ କୁଲି ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ର ବିଭିନ୍ନ ସ୍ଥାନରେ ଆବର୍ଜନା ପରିବହନ ଏବଂ ମାଟି ଉଠାଯିବା ନିମନ୍ତେ ଅତିରିକ୍ତ ଗାଡ଼ିର ବ୍ୟବସ୍ଥା, ଚୁନ ଓ ବ୍ଲିଚିଂ ପାଉଡ଼ର ପକାଯିବାର ବ୍ୟବସ୍ଥା, ନିୟମିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ ୱାର୍ଡ଼ର ମସଜିଦ ଥିବା ଅଂଚଳରେ ଯଥାଶିଘ୍ର ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ସହ ସିଦ୍ଧେଶ୍ୱର ସାହି ଏବଂ ସଇଦାନବଗିଚା ଅଂଚଳରେ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ଏବଂ କର୍ଲଭଟ ଗୁଡ଼ିକ ସଫା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଜନସ୍ୱାସ୍ଥ୍ୟ ବିଭାଗର ପାଇପ ମାଧମରେ ଦୂଷିତ ଜଳ ଆସୁଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ଚଣ୍ଡି ମନ୍ଦିର ସମ୍ମୁଖ ଭାଗରୁ ବିନ ସଂଖ୍ୟା ହ୍ରାସ କରିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା ୱାର୍ଡ଼ର ବିଭିନ୍ନ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଲାଇନ ଗୁଡ଼ିକ ଫାଟି ଥିବାରୁ ଯଥାଶିଘ୍ର ଏହାର ମରାମତି ବ୍ୟବସ୍ଥା ଏବଂ ଟ୍ୟାଙ୍କର ମାଧମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ନମିତା ମଞ୍ଜରୀ ସାହୁ ୱାର୍ଡ଼ରେ ଥିବା ମାଛୁଆ ବଜାର ଶୌଚାଳୟର ଟାଙ୍କି ସଫା, ଦୁଇ ଓଳି ସଫେଇ ବ୍ୟବସ୍ଥା, ମଲ୍ଲାସାହିର ବର୍ଷାଜଳ ନିଷ୍କାସନ ନିମନ୍ତେ ପଦକ୍ଷେପ, ୱାର୍ଡ଼ ମଧରେ ଗାର୍ବେଜ ପଏଣ୍ଟ ଗୁଡ଼ିକର ଦୁରତ୍ୱକୁ ଦୃଷ୍ଟିରେ ରଖାଯାଇ, ଟ୍ରାଇ ସାଇକେଲର ବ୍ୟବସ୍ଥା, ନୀୟମିତ ଟ୍ରାକ୍ଟର ନିୟୋଜନ କରାଯାଇ ଆବର୍ଜନା ଉଠାଯିବା ଏବଂ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ମରାମତି ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ୱାର୍ଡ଼ର ମସଜିଦ୍ ଗଳି ଏବଂ ଇଦଘା ଠାରେ ବର୍ଷାଜଳର ନିଷ୍କାସନ ନିମନ୍ତେ ବ୍ୟବସ୍ଥା ସହ, ୱାର୍ଡ଼ର ଜଗନ୍ନାଥ ସାହି ଏବଂ ଦେଉଳ ସାହିରେ ବର୍ଷାଜଳ ନିଷ୍କାସନ ନିମନ୍ତେ ପ୍ରତିକାରର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ପ୍ରଜ୍ଞା ବେଉରା ୱାର୍ଡ଼ ମଧରେ ଥିବା ମୁସଲିମ ବସ୍ତି ଗୁଡ଼ିକ ନିମନ୍ତେ ସିନଟେକ୍ସ ଟାଙ୍କିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଏ ଶ୍ରୀଦେବୀ ୱାର୍ଡ଼ର ପେନସନ ଲେନ ଏବଂ ମୋତିଗଳୀ ଠାରେ ନୂତନ ଷ୍ଟାଣ୍ଡପୋଷ୍ଟର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ୱାର୍ଡ଼ର ବିଭିନ୍ନ ଅଂଚଳର ବର୍ଷାଜଳ ନିଷ୍କାସନ ନିମନ୍ତେ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ ।

ବୈଠକରେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ନିମ୍ନଲିଖିତ ନିଷ୍ପତି ଗ୍ରହଣ ସହ ଅଗ୍ରାଧିକାର ଭିତିରେ କାର୍ଯ୍ୟକାରୀ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା ।

୧. ନିଗମ ଅଂଚଳରେ ରହିଥିବା ନିମ୍ନଲିଖିତ ମସଜିଦ ଏବଂ ଏହାର ଆଖପାଖ ଅଂଚଳରେ ରହିଥିବା ମୁସଲିମ ବହୁଳ ସାହି / ବସ୍ତି ଅଂଚଳରେ ଏହି ପର୍ବ ପାଳନ ଅବସରରେ ଦୁଇ ଓଳି ସଫେଇ କରାଯିବା ସହ ଚୁନ ଓ ବ୍ଲିଚିଙ୍ଗ ପକାଯିବାକୁ ସ୍ଥିର କରାଗଲା ।

| | |
|---|---|
| ୧. ମସ୍ତାନ ରୋଡ଼ ମସଜିଦ, ୱାର୍ଡ଼ ନଂ-୧୫ | ୨୦. ସୁଲ୍ତାନିଆ ମସଜିଦ, ୱାର୍ଡ଼ ନଂ-୧୫ |
| ୨. ବଡ଼ ମସଜିଦ, କେଶରପୁର, ୱାର୍ଡ ନଂ-୨୫ | ୨୧. ମଙ୍ଗଳାବାଗ ମସଜିଦ, ୱାର୍ଡ଼ ନଂ-୩୫ |
| ୩. ଛୋଟ ମସଜିଦ, ଗହ୍ଣାଡ଼ିଆ, କେଶରପୁର ୱାର୍ଡ଼ ନଂ-୩୩ | ୨୨. ମେହେନ୍ଦିପିର ମସଜିଦ, ମେହେନ୍ଦିପୁର, ୱାର୍ଡ଼ ନଂ-୧୩ |
| ୪. ସୁନ୍ନି ମସଜିଦ, ଝୋଲା ସାହି, ୱାର୍ଡ଼ ନଂ-୨୬ | ୨୩. ଅମିର୍ ଖାନ୍ ମସଜିଦ, ଅଲିଶା ବଜାର, ୱାର୍ଡ଼ ନଂ-୧୨ |
| ୫. ନିମସାହି ମସଜିଦ ୱାର୍ଡ଼ ନଂ-୨୬ | ୨୪. ତୁଳସୀପୁର ମସଜିଦ, ତୁଳସୀପୁର, ୱାର୍ଡ଼ ନଂ-୧୬ |
| ୬. ସୁନ୍ନି ଅଲ୍ଲି ମସଜିଦ, ସୈଦାନି ବଗିଚା, ୱାର୍ଡ଼ ନଂ-୧୦ | ୨୫. ଓଡ଼ିଆ ବଜାର ମସଜିଦ, ଓଡ଼ିଆ ବଜାର, ୱାର୍ଡ଼ ନଂ-୧୯ |
| ୭. ଉଜାଲେଖାନ ମସଜିଦ, ଚାନ୍ଦିନୀଚୌକ, ୱାର୍ଡ଼ ନଂ-୧୧ | ୨୬. ଓ.ଏମ୍.ପି. ମସଜିଦ, ଚାଉଳିଆ ଗଞ୍ଜ, ୱାର୍ଡ଼ ନଂ-୪୨ |
| ୮. ଶିଶୁ ଭବନ ମସଜିଦ ୱାର୍ଡ଼ ନଂ-୧୧ | ୨୭. କାଜି ବଜାର ମସଜିଦ, ୱାର୍ଡ଼ ନଂ-୧୯ |
| ୯. କଦମ-ଏ-ରସୁଲ, ଦରଘା ବଜାର, ୱାର୍ଡ଼ ନଂ-୨୩ | ୨୮. ସାହି ମସଜିଦ, ବାରବାଟୀକିଲ୍ଲା, ୱାର୍ଡ଼ ନଂ-୧୬ |
| ୧୦. ଛୋଟି ମସଜିଦ, ଦରଘା ବଜାର ୱାର୍ଡ଼ ନଂ-୨୩ | ୨୯. ଇଦ୍‌ଗା ମସଜିଦ ୱାର୍ଡ଼ ନଂ-୦୭ |
| ୧୧. କାସିମ୍ ବାବା ମସଜିଦ, ବାଙ୍କା ବଜାର ୱାର୍ଡ଼ ନଂ-୨୧ | ୩୦. ବାବା ବୁଖାରୀ ପୀଠ, ବାରବାଟିକିଲ୍ଲା, ୱାର୍ଡ଼ ନଂ-୧୬ |
| ୧୨. ଜାମା ମସଜିଦ, ବାଲୁ ବଜାର, ୱାର୍ଡ଼ ନଂ-୧୩ | ୩୧. ଇସ୍ଲାମନଗର ମସଜିଦ ୱାର୍ଡ଼ ନଂ-୪୮ |
| ୧୩. ସର୍ଦ୍ଦାର ଖାନ ମସଜିଦ, ଶେଖ ବଜାର ୱାର୍ଡ଼ ନଂ-୧୪ | ୩୨. ଇର୍ଦ୍ଦୁ ଗାର୍ଲ୍ସ ହାଇସ୍କୁଲ ମସଜିଦ, ୱାର୍ଡ଼ ନଂ-୫୬ |
| ୧୪. ଦେୱାନ ବଜାର ମସଜିଦ ୱାର୍ଡ଼ ନଂ-୧୯ | ୩୩. ମୁଗଭଙ୍ଗା ମସଜିଦ, ୱାର୍ଡ଼ ନଂ-୫୯ |
| ୧୫. ସେମିନାରୀ ଛକ ମସଜିଦ ୱାର୍ଡ଼ ନଂ-୨୬ | ୩୪. ମେଟ୍ରୋ ମନଜିଲ ମସଜିଦ, ଜନତାଗଳି, ୱାର୍ଡ଼ ନଂ-୧୯ |
| ୧୬. ପୀର ବଜାର ମସଜିଦ, ୱାର୍ଡ଼ ନଂ-୫୮ | ୩୫. ଯୋବ୍ରା ମସଜିଦ, ୱାର୍ଡ଼ ନଂ-୪୦ |
| ୧୭. ମୁକ୍ତାମଶ୍ୱର ମସଜିଦ୍ ୱାର୍ଡ଼ ନଂ-୫୬ | ୩୬. ଖଟବିନ ସାହି ବଡ଼ି ମସଜିଦ୍- ୱାର୍ଡ଼ ନଂ-୧୪ |
| ୧୮. ସୂତାହାଟ ମସଜିଦ, ସୂତାହାଟ ୱାର୍ଡ଼ ନଂ-୧୭ | ୩୭. ବାମ୍ପିସାହି ମସଜିଦ୍- ୱାର୍ଡ଼ ନଂ-୨୮ |
| ୧୯. ପଲ୍‌ଟନ୍ ମସଜିଦ, ବକ୍ସି ବଜାର, ୱାର୍ଡ଼ ନଂ-୧୫ | ୩୮. ମୋତି ମସଜିଦ, ଦରଘା ବଜାର, ୱାର୍ଡ଼ ନଂ-୨୩ |

ଏହା ଛଡ଼ା ନିଗମ ଅଂଚଳରେ ବିଭିନ୍ନ ୱାର୍ଡ଼ ମାନଙ୍କରେ ରହିଥିବା ମସଜିଦ୍ ଓ ମୁସଲିମ ବହୁଳ ଅଂଚଳ ଗୁଡ଼ିକରେ ନିୟମିତି ଦୁଇ ଓଳୀ ସଫେଇ ବ୍ୟବସ୍ଥା ସହ ଚୁନ ଓ ବ୍ଲିଚିଙ୍ଗ ପକାଯିବାକୁ ସ୍ଥିର କରାଗଲା ।

୨. ଉପରୋକ୍ତ ମସଜିଦ ତଥା ମୁସ୍‌ଲିମ ବହୁଳ ଅଂଚଳର ମୁଖ୍ୟ ରାସ୍ତାରେ ଠୁଳ କରାଯାଇଥିବା ଆବର୍ଜନା ଏବଂ ମାଟି ଉଠାଯିବା ନିମନ୍ତେ ଅତିରିକ୍ତ ଟ୍ରାକ୍ଟର ଯୋଗାଇ ଯଥାଶିଘ୍ର ଏ ଗୁଡ଼ିକ ସ୍ଥାନାନ୍ତର କରାଯିବାକୁ ସ୍ଥିର କରାଗଲା ।

୩. ଉପରୋକ୍ତ ଅଂଚଳରେ ଅଚଳ ଷ୍ଟ୍ରିଟ ଲାଇଟ ଗୁଡ଼ିକ ଯଥାଶିଘ୍ର କାର୍ଯ୍ୟକ୍ଷମ କରାଯିବାକୁ ସ୍ଥିର କରାଗଲା ।

୪. ନିଗମର ବିଭିନ୍ନ ମୁସଲିମ ବହୁଳ ଅଂଚଳରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯିବାକୁ ସ୍ଥିର କରାଗଲା ।

୫. ବିଭିନ୍ନ ମସଜିଦ୍ ସନ୍ନିକଟ ଅଂଚଳରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ନିମନ୍ତେ ଅଗ୍ରାଧିକାର ଭିତିରେ ମୋଟର ପମ୍ପ ସ୍ଥାପନ କରାଯାଇ ଏ ଦିଗରେ ଯଥାଶିଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୬. ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ତଦାରଖ ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ସମ୍ପୃକ୍ତ ସାନିଟାରୀ ଇନ୍‌ସପେକ୍ଟର ମାନଙ୍କ ତତ୍ତ୍ୱାବଧାନରେ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ କଟକ ସହରର ଏହି ପର୍ବ ପାଳନର ନିଆରା ପରମ୍ପରାକୁ ବଜାୟ ରଖିବାକୁ ସମସ୍ତଙ୍କ ସାହାର୍ଯ୍ୟ ଓ ସହଯୋଗ କାମନା କରାଯାଇ ବୈଠକରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ ସହ ସଭା ସାଙ୍ଗ କରାଯାଇଥିଲା ।

(ରଞ୍ଜନ କୁମାର ବିଶ୍ୱାଳ)
ଅଧକ୍ଷ
ପବ୍ଲିକ ହେଲଥ, ଇଲେକଟ୍ରିକ୍ ସପ୍ଲାଏ, ୱାଟର ସପ୍ଲାଏ,
ଡ୍ରେନେଜ ଆଣ୍ଡ ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ 1156 ତା 24.6.15

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1157 ତା 24.6.15

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1158 ତା 24.6.15

ଏହାର ଏକ କିତା ନକଲ କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 1159 ତା 24.6.15

ଏହାର ଏକ କିତା ନକଲ ଡେ଼ପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ